ସକାଳ
THE SAKALA



www.sakalaepaper.com

# ପିକ୍‌ଅପ୍ ଧକ୍କାରେ ବୃଦ୍ଧା ମୃତ; ଚାଳକ ଫେରାର

**ପାରଳାଖେମୁଣ୍ଡି,୧୭ ।୧୨(ସମିସ):** ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ଉପକଣ୍ଠସ୍ଥ ରାଣୀପେଣ୍ଠ ଗ୍ରାମ ଛକରେ ବୁଧବାର ସକାଳେ ଏକ ସଡ଼କ ଦୁର୍ଘଟଣାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ପରେ ଚାଳକ ଗାଡ଼ି ଧରି ଚମ୍ପଟ ମାରିଥିବା ସ୍ଥାନୀୟ ଲୋକେ କହିଛନ୍ତି।

ଘଟଣାରୁ ପ୍ରକାଶ ଯେ, ରାଣୀପେଣ୍ଠ ଗ୍ରାମର କେ.ଲକ୍ଷ୍ମୀ (୭୫) କୌଣସି କାମରେ ରାଣୀପେଣ୍ଠ ଛକ ଅତିକ୍ରମ କରୁଥିବା ବେଳେ ଦ୍ରୁତଗତିରେ ଆସୁଥିବା ଏକ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ବୃଦ୍ଧା କେ.ଲକ୍ଷ୍ମୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଗାଡ଼ି ଚାଳକ କିଛି ସମୟ ପାଇଁ ଅଟକି ଥିଲେ ମଧ୍ୟ ପରେ ସୁଯୋଗ ଦେଖି ଚମ୍ପଟ ମାରିଥିଲେ। ଏନେଇ ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ଅଭିଯୋଗ ପରେ ପୁଲିସ ତଦନ୍ତ କରୁଛି। ଅତିଶୀଘ୍ର ଗାଡ଼ି ସହ ଚାଳକକୁ ଧରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ଦୁର୍ଘଟଣା ଘଟାଇଥିବା ଗାଡ଼ି ଏକ ମାକ୍ସ ପିକଅପ୍ ହୋଇଥିବା ବେଳେ ଏହାର ନମ୍ବର ଏପି-୩୯ବିଡ଼ି-୭୭୩୬ ବୋଲି ଗ୍ରାମବାସୀ ଜଣାଇଛନ୍ତି।

# କାଗଜପତ୍ର ନଥିବା ଗାଡ଼ିକୁ ଧରିଲା ଆର୍‌ଟିଓ

■ ଥାନାକୁ ହସ୍ତାନ୍ତର; ୪୪ ହଜାର ଟଙ୍କାର ଇ-ଚାଲାଣ




**ପାରଳାଖେମୁଣ୍ଡି,୧୭ ।୧୨(ସମିସ):** ଗଜପତି ଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଗୋଷାଣି ବ୍ଲକ ଅନ୍ତର୍ଗତ କଣ୍ଡ୍ରାଗଡ ଗ୍ରାମ ନିକଟରେ ଯାନବାହନ ଯାଞ୍ଚ ବେଳେ କୌଣସି କାଗଜପତ୍ର ନଥାଇ ଚଳାଚଳ କରୁଥିବା ଗୋଟିଏ ମାକ୍ସ ପିକ୍‌ଅପ୍ ଗାଡ଼ିକୁ ଧରାଯାଇଥିଲା। ଆଞ୍ଚଳିକ ପରିବହନ ବିଭାଗ ସୂତ୍ରରୁ ପ୍ରକାଶ ଯେ ଏହି ପିକଅପ୍ ଗାଡି ଓଭରଲୋଡିଂ କରି ଯାଉଥିଲା। ଉକ୍ତ ଗାଡିକୁ ଅଟକାଇ ଯାଞ୍ଚ ବେଳେ ଫିଟନେସ୍ ଠାରୁ ଆରମ୍ଭ କରି ଚାଳକଙ୍କ ଲାଇସେନ୍ସ ନଥିବା ଜଣାପଡିଥିଲା। ଏହାପରେ ଉକ୍ତ ଗାଡ଼ିକୁ ୪୪ହଜାର ଟଙ୍କା ଜରିମାନା ପାଇଁ ଇ-ଚାଲାଣ କଟାଯାଇଥିବା ବେଳେ ଗାଡିକୁ ପାରଳାଖେମୁଣ୍ଡି ଆଦର୍ଶ ଥାନାର ଜିମା ଦିଆଯାଇଛି। ଏନେଇ ଅଧିକ ତଦନ୍ତ ଜାରି ରହିଥିବା ଆଞ୍ଚଳିକ ପରିବହନ ବିଭାଗ ସୂତ୍ରରୁ ପ୍ରକାଶ। ତେବେ ଏହି ପିକଅପ୍ ଗାଡିରେ କ'ଣ ବୁହାହେଉଥିଲା ତାହା ଜଣାପଡିନି।

# ବଣିକ ସଂଘର କର୍ମକର୍ତ୍ତା ନିର୍ବାଚନ



**ଆସିକା,୧୭ ।୧୨(ସମିସ):** ଆସିକା ବଣିକ ସଂଘର ବୈଠକ କଳିଙ୍ଗା ରୋଡ ସ୍ଥିତ ନିଜସ୍ୱ ସଭା ଗୃହରେ ଅନୁଷ୍ଠିତ ହୋଇଥିଲା। ସଭାପତି ଅରୁଣ କୁମାର ଗୁପ୍ତାଙ୍କ ଅନୁପସ୍ଥିତ ହେତୁ ଉପସଭାପତି ୟୁ ସଞ୍ଜୟ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଆରମ୍ଭ କରାଯାଇଥିଲା। ସଂଘ ସଂପାଦକ ସୀମାଞ୍ଚଳ ପରିଡା, ପୂର୍ବତନ ସଭାପତି ଇ ଅରୁଣ କୁମାର ପାତ୍ର, ଯୁଗ୍ମ ସମ୍ପାଦକ ସତ୍ୟ ନାରାୟଣ ପାତ୍ର, କୋଷାଧ୍ୟକ୍ଷ ମନୋଜ କୁମାର ମୁନି ମଞ୍ଚାସିନ ଥିଲେ। ଏହି ଅବସରରେ ସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ସଭାପତି ଇ ଅରୁଣ କୁମାର ପାତ୍ର ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ୨୦୨୬-୨୦୨୮ ବର୍ଷପାଇଁ ସଭାପତି ଭାବେ ୟୁ ସଞ୍ଜୟ କୁମାର ପାତ୍ର, ଉପସଭାପତି ରୂପେ ସୀମାଞ୍ଚଳ ପରିଡା, ମନୋଜ କୁମାର ମୁନି, ସମ୍ପାଦକ ରୂପେ ସତ୍ୟ ନାରାୟଣ ପାତ୍ର, ଯୁଗ୍ମ ସମ୍ପାଦକ ରୁପେ ପି. ରାଜା ପାତ୍ର ଓ କୋଷାଧ୍ୟକ୍ଷ ରୂପେ ଡି. ଦ୍ୱାରିକା ନାଥ ପାତ୍ରଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା। କାର୍ଯ୍ୟକ୍ରମରେ ଟାଟା ପାୱାର କର୍ମଚାରୀ ଯୋଗେ ଦେଇ ପ୍ରଧାନମନ୍ତ୍ରୀ ମୁଫ୍ତ ବିଜୁଳୀ ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପରିଶେଷରେ ସଂଘର ବାର୍ଷିକ ବଣଭୋଜି ନେଇ ଆଲୋଚନା କରାଯାଇ ଦାରିଙ୍ଗିବାଡିରେ କରିବାକୁ ସ୍ଥିର କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପି. ଶ୍ରୀନିବାସ ପାତ୍ର, ସୁନିଲ କୁମାର ସାହୁ, ଜିତେଶ ପାତ୍ର, ଶଙ୍କର ମୁନି, ଶିବା ପାତ୍ର, ଶଙ୍କର ସାହୁ, ଶତ୍ରୁଘ୍ନ ନାହାକ, ସଚ୍ଚିଦାନନ୍ଦ ମହାନ୍ତି, ସୀମାଞ୍ଚଳ ପ୍ରଧାନ, ଲାଲୁ ଜେନା ପ୍ରମୁଖ ସହଯୋଗ କରିଥିଲେ।

**କନ୍ଧମାଳ ଓ ଗଞ୍ଜାମ ସୀମାନ୍ତ ଗାଜଲବାଡ଼ି ଘାଟି ରାସ୍ତା ସମ୍ପ୍ରସାରଣ ଦାବି**

# ପୂର୍ବତନ ଉପବାଚସ୍ପତିଙ୍କ ନେତୃତ୍ୱରେ ଜାତୀୟ ରାଜପଥ ଅବରୋଧ

**ଦାରିଙ୍ଗବାଡି,୧୭।୧୨(ସମିସ):**

କନ୍ଧମାଳ ଓ ଗଞ୍ଜାମ ଜିଲ୍ଲା ସୀମାନ୍ତ ଗାଜଲ ବାଡ଼ି ଘାଟି ରାସ୍ତା ସମ୍ପ୍ରସାରଣ ଓ ପୁନରୁଦ୍ଧାର ଅହେତୁକ ବିଳମ୍ବ ନେଇ ପୂର୍ବତନ ଉପ ବାଚସ୍ପତି ସାଲୁଗା ପ୍ରଧାନଙ୍କ ନେତୃତ୍ୱରେ ଅଞ୍ଚଳବାସୀ ୫୯ ନମ୍ବର ଜାତୀୟ ରାଜପଥ ଅବରୋଧ କରିବା ସହ ୧୨ ଘଣ୍ଟିଆ ବନ୍ଦ ଡାକରା

## ପ୍ରତିଶ୍ରୁତି ପରେ ପ୍ରତିବାଦରୁ ହଟିଲେ ଲୋକେ

ଦିଆଯାଇଥିଲା। ଫଳରେ ଯାନବାହାନ ଚଳାଚଳ ବନ୍ଦ ହେବା ସହ ଯାତ୍ରୀ ହନ୍ତସନ୍ତ ହୋଇଥିଲେ। ଦାବି ପୂରଣ ନ ହେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଜାରୀ ରହିବ ବୋଲି ଚେତାବନୀ ଦିଆଯାଇଥିଲା। ଏ ନେଇ ବହୁ ଥର ପ୍ରଶାସନଙ୍କୁ ଅବଗତ କରିଥିଲେ ସୁଦ୍ଧା ଏହାର କୌଣସି ସ୍ଥାୟୀ ସମାଧାନ ହୋଇନାହିଁ। ପୂର୍ବରୁ ମଧ୍ୟ ବିଜେଡି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଡାକି ରାସ୍ତା ଅବରୋଧ କରାଯାଇଥିଲା। ହେଲେ ସରକାର କର୍ଣ୍ଣପାତ ନ କରିବାରୁ ଶେଷରେ ଜନସାଧାରଣ ଏବଂ ଆସୁଥିବା ପର୍ଯ୍ୟଟକଙ୍କ ସୁବିଧା ପାଇଁ ରାସ୍ତା ଅବରୋଧ କରି ପ୍ରତିବାଦ କରାଯାଇଥିବା ଉପବାଚସ୍ପତି ସାଲୁଗା ପ୍ରଧାନ କହିଛନ୍ତି। ଜାତୀୟ ରାଜପଥ ବିଭାଗୀୟ ଅଧିକାରୀ ଏସି ସୌମ୍ୟ ରଞ୍ଜନ ମଲ୍ଲିକଙ୍କ ପ୍ରତିଶ୍ରୁତି ପରେ ଧାରଣାକୁ ସ୍ଥଗିତ ରଖାଯାଇଥିବା ଜଣାଯାଇଛି। ଯଥା ଶୀଘ୍ର ଉକ୍ତ ରାସ୍ତାର କାର୍ଯ୍ୟ ଆରମ୍ଭ ନ ହେଲେ ପୁଣିଥରେ ଜୋରଦାର ଆନ୍ଦୋଳନ କରାଯିବ ବୋଲି କୁହାଯାଇଛି।




ଆନ୍ଦୋଳନକାରୀଙ୍କୁ ପ୍ରତିଶ୍ରୁତି ଦେବା ସମୟରେ ବାଲିଗୁଡା ଏସଡ଼ିପିଓ ଶୁଭମ ଭୂସଲେ, ତହସିଲଦାର ଧିରୋଜ ପାତ୍ର, ଥାନା ଅଧିକାରୀ କନକ କୁମାର ମାଝୀ, ସୋରଡା ଥାନା ଅଧିକାରୀ ସୁନିଲ କୁମାର ପ୍ରଧାନ ଏବଂ ଅନ୍ୟ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ ଗଞ୍ଜାମ ଓ କନ୍ଧମାଳ ସୀମାନ୍ତ ଅଞ୍ଚଳରେ ପ୍ରାୟ ୨୪ କିଲୋମିଟର ଘାଟି ରାସ୍ତା ବିପର୍ଯ୍ୟସ୍ତ ଯୋଗୁଁ ଅନେକ ସମୟରେ ପର୍ଯ୍ୟଟକ ଏବଂ ଯାତାୟାତ କରୁଥିବା ଯାତ୍ରୀଙ୍କ ଗାଡ଼ି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ପୂର୍ବରୁ ବହୁ ଅଭିଯୋଗ ହେଲେ ବି ପ୍ରଶାସନ କି ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତା ଅଭାବ ଯୋଗୁଁ ତାହା ସଫଳ ହୋଇପାରୁନି। ଧାରଣାରେ ପୂର୍ବତନ ଉପ ବାଚସ୍ପତି ସାଲୁଗା ପ୍ରଧାନଙ୍କ ସମେତ ସୋରଡା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସୋରଡା ଏନଏସି ଅଧ୍ୟକ୍ଷ ଶିବ ଶଙ୍କର ପଣ୍ଡା, ଦାରିଙ୍ଗବାଡ଼ି ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ କୁମାର ପ୍ରଧାନ, ବରିଷ୍ଠ ନେତା ଭଗବାନ ପଣ୍ଡା ଏବଂ ଉଭୟ ଗଞ୍ଜାମ ଓ କନ୍ଧମାଳର ଅଞ୍ଚଳର ଶତାଧିକ ଜନସାଧାରଣ ସାମିଲ ହୋଇଥିଲେ।

# ଅଭିଯୋଗ ଶୁଣାଣି ପରେ ସର୍ଭେ ଆରମ୍ଭ

● ଯୋଗ୍ୟ ହିତାଧିକାରୀଙ୍କୁ ମିଳିବ ଅନ୍ତ୍ୟୋଦୟ ଗୃହ: ବିଡିଓ

**ପୋଲସରା,୧୭ ।୧୨(ସମିସ):** ପୋଲସରା ବ୍ଲକ ଅନ୍ତର୍ଗତ ବଛପଲ୍ଲୀ ପଞ୍ଚାୟତ ଉସ୍ତାପଡ଼ା ଓ ବଛପଲ୍ଲୀ ଗ୍ରାମକୁ ମନ୍ତ୍ରୀ ଗୋକୁଳାନନ୍ଦ ମଲିକଙ୍କ ଗ୍ରସ୍ତ ପରେ ବ୍ଲକ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଦୀର୍ଘଦିନ ଧରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ ଥିବା ପରିବାରଙ୍କୁ ତୁରନ୍ତ ପକ୍କା ଘର ପ୍ରଦାନ ପାଇଁ ମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ବଛପଲ୍ଲୀ ପଞ୍ଚାୟତରେ ବ୍ଲକ ପ୍ରଶାସନ ତରଫରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ସର୍ଭେ ଆରମ୍ଭ ହୋଇଛି। ଗତ ରବିବାର ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଳିକ ବଛପଲ୍ଲୀ ପଞ୍ଚାୟତରେ ଏକ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେଇ ଅଞ୍ଚଳବାସୀଙ୍କ ବିଭିନ୍ନ ସମସ୍ୟା ଶୁଣିବା ସହ ଲୋକଙ୍କ ବିଭିନ୍ନ ଦାବି ଉପରେ ଆଲୋଚନା କରିଥିଲେ। ଉକ୍ତ ପଞ୍ଚାୟତର ଉସ୍ତାପଡ଼ା ଓ ବଛପଲ୍ଲୀ ଗ୍ରାମର ଅଧିକାଂଶ ଲୋକ ପକ୍କାଘର ଓ ରାସନକାର୍ଡରୁ ଦୀର୍ଘଦିନ ହେବ ବଞ୍ଚିତ ଥିବା କହିଥିଲେ। ମନ୍ତ୍ରୀ ଶ୍ରୀ ମଲ୍ଲିକ ସମସ୍ତ ଅଭିଯୋଗକୁ ପ୍ରାଥମିକତା ଦେବାକୁ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ପୋଲସରା ବିଡିଓଙ୍କ ତତ୍ତ୍ୱାବଧାନରେ ବ୍ଲକର ଏକ ଟିମ ମଙ୍ଗଳବାର ଉକ୍ତ ପଞ୍ଚାୟତ ଗସ୍ତ କରି ଅଭିଯୋଗ କରିଥିବା ହିତାଧିକାରୀଙ୍କ ଘର ସର୍ଭେ କାମ ଆରମ୍ଭ କରିଛି। ଉସ୍ତାପଡ଼ା ଗ୍ରାମର ୧୨ ଓ ବଛପଲ୍ଲୀ ଗ୍ରାମର ୨ ଜଣ ହିତାଧିକାରୀଙ୍କୁ



ମିଶାଇ ମୋଟ ୧୪ ଜଣ ହିତାଧିକାରୀଙ୍କ ଘରର ପ୍ରାରମ୍ଭିକ ସର୍ଭେ ରିପୋର୍ଟ ବିଡ଼ିଓଙ୍କୁ ପ୍ରଦାନ କରାଯାଇଛ। ବିଡ଼ିଓ ଶଶିଭୂଷଣ ମହାପାତ୍ରଙ୍କ ନିର୍ଦ୍ଦେଶରେ କନିଷ୍ଠ ଯନ୍ତ୍ରୀ ଶୁଭସ୍ମିତା ପାତ୍ର, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଲିପ୍ସାରାଣୀ ଭଞ୍ଜ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଭଗବାନ ବେହେରା, ବିପିସି ପ୍ରଶାନ୍ତ କୁମାର ସାହୁ, ବିଏଫ୍‌ଟି ସୁଶାନ୍ତ ପ୍ରଧାନ ପ୍ରମୁଖ ବଛପଲ୍ଲୀ ପଞ୍ଚାୟତ ଗସ୍ତ କରିଥିଲେ। ଅନ୍ୟପଟେ ପର୍ଯ୍ୟାୟକ୍ରମେ ପଞ୍ଚାୟତ ଅଧୀନ ସମସ୍ତ ଗ୍ରାମର ଯୋଗ୍ୟ ହିତାଧିକାରୀ ଚିହ୍ନଟ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି ଆଗକୁ ମଧ୍ୟ ଏହି କାର୍ଯ୍ୟ ଚାଲୁରହିବ ବୋଲି ସରପଞ୍ଚ ପବିତ୍ର କୁମାର ରାଉତ ସୂଚନା ଦେଇଛନ୍ତି।

# ଦୁଇଟି ରାସ୍ତାର ଶିଳାନ୍ୟାସ କଲେ ମନ୍ତ୍ରୀ

**ବୁଗୁଡ଼ା,୧୭ ।୧୨(ସମିସ):** ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଆନୁକୂଲ୍ୟରେ ଦୁଇଟି ଗ୍ରାମ୍ୟ ଉନ୍ନୟନ ରାସ୍ତାର ଶିଳାନ୍ୟାସ କଲେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ। ଗଞ୍ଜାମ ଜିଲ୍ଲା ବୁଗୁଡ଼ା ବ୍ଲକ ମୁକୁନ୍ଦପୁର ଶିବ ମନ୍ଦିର ଠାରୁ ମହୁଲପଲ୍ଲୀ ଦେଇ ପାଣିକେଶ୍ୱର ପର୍ଯ୍ୟନ୍ତ ୪ କୋଟି ୩ ଲକ୍ଷ ୮୮ ହଜାର ଟଙ୍କା ବ୍ୟୟରେ ୩ କିମି ଏବଂ କାନକୁଟୁରୁ ଠାରୁ ଗେଣ୍ଡୁଳି ରାସ୍ତା ୩ କୋଟି ୩୫ ଲକ୍ଷ ୩୯ ହଜାର ଟଙ୍କା ବ୍ୟୟରେ ୬ କିମି ରାସ୍ତା ନିର୍ମାଣ ପାଇଁ ମନ୍ତ୍ରୀଙ୍କ ଦ୍ୱାରା ଶିଳାନ୍ୟାସ ହୋଇଥିଲା। ଉଭୟ କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଏସ୍‌ଡିଓ ସଂଜୀବ ପାତ୍ର, କନିଷ୍ଠ ଯନ୍ତ୍ରୀ ଭୁବନ ମୋହନ ନାୟକ ଓ ପପୁ ସାହୁ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ପ୍ରତିନିଧ କେ.ନୀଳମାଧବ ଆଚାରୀ, ବ୍ଲକ ବିଧାୟକ ପ୍ରତିନିଧ ହରିକୃଷ୍ଣ ସାହୁ ଏବଂ ପଞ୍ଚାୟତବାସୀ ଉପସ୍ଥିତ ଥିଲେ।




# ଚାଲାଣ ବେଳେ ଟ୍ରକ୍‌ରୁ ୨୪ ଜୀବନ୍ତ ଓ ୨ ମୃତ ମଇଁଷି ଉଦ୍ଧାର



**ଭୁବନେଶ୍ୱରରୁ ଆନ୍ଧ୍ର ଅଭିମୁଖେ ଯାଉଥିଲା, ଚାଳକ ଅଟକ**

**ଖଲ୍ଲିକୋଟ,୧୭ ।୧୨(ସମିସ):** ବୁଧବାର ଭୁବନେଶ୍ୱରରୁ ଆନ୍ଧ୍ର ଅଭିମୁଖେ ଯାଉଥିବା ଏକ ମଇଁଷି ବୋଝେଇ ଟ୍ରକକୁ ଗୁରାପଲ୍ଲୀ ଟୋଲ୍ ଗେଟ୍ ନିକଟରେ ଧରିଛନ୍ତି ବଜରଙ୍ଗ ଦଳ କର୍ମୀ। ଡେଜିପୁଟ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର ପହଞ୍ଚି ମଇଁଷି ବୋଝେଇ ଟ୍ରକ୍ ଜବତ କରି ଫାଣ୍ଡିକୁ ଆଣିଥିଲେ। ଟ୍ରକରୁ ୨୪ଟି ମଇଁଷିକୁ ଜୀବନ୍ତ ଉଦ୍ଧାର କରାଯାଇଥିବା ବେଳେ ଦୁଇଟି ମଇଁଷିର ମୃତ୍ୟୁ ଘଟିଥିବା ଦେଖିବାକୁ ମିଳିଥିଲା। ଟ୍ରକ ଡ୍ରାଇଭର ଝାଡ଼ଖଣ୍ଡ ରାଜ୍ୟର ସଫାଉଲ ଶେଖ (୨୧)କୁ ଅଟକ ରଖି ପଚରାଉଚରା କରୁଛି ପୁଲିସ। ଟ୍ରକରୁ ଉଦ୍ଧାର ହୋଇଥିବା ୨୪ ମଇଁଷିକୁ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର ବଜରଙ୍ଗ ଦଳ କର୍ମୀଙ୍କ ଉପସ୍ଥିତିରେ କେଶପୁରର ୨ଜଣ ଚାଷୀଙ୍କୁ ହସ୍ତାନ୍ତର କରିଥିଲେ। ବସ୍ତା ଭଳି ଗୋରୁ ମଇଁଷିକୁ ଲଦି ନିଆଯାଉଥିବାରୁ ଏହା କଂସେଇ ଖାନାକୁ ଯାଉଥିବା ସନ୍ଦେହ କରାଯାଉଛି। ଆଗାମୀ ଦିନରେ ଯଦି ଏହାକୁ ରୋକିବାକୁ କଠୋର ପଦକ୍ଷେପ ନିଆ ନ ଯାଏ ଗୋମାତା ବଂଶ ନିପାତ ହୋଇଯିବ ବୋଲି ଗଭୀର ଉଦବେଗ ପ୍ରକାଶ କରିଛନ୍ତି ଖଲ୍ଲିକୋଟ ବଜରଙ୍ଗ ଦଳର ସଂଯୋଜକ ତଥା ଆଇନଜୀବୀ ସନ୍ତୋଷ କୁମାର ମିଶ୍ର।

# ବସ୍ ଧକ୍କାରେ ଯୁବକ ମୃତ

**ଜି.ଉଦୟଗରି,୧୭ ।୧୨(ସମିସ):** ଜି.ଉଦୟଗିରି ନିକଟସ୍ଥ ଜବେଡି ଶଙ୍ଖ ପାଖରେ ଏକ ଯାତ୍ରିବାହୀ ବସ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ପୁଲିସ ସୂଚନା ପ୍ରକାରେ ଜବେଡ଼ି ଠାରୁ ଗୌରାଙ୍ଗ ଚରଣ ବାଘ ନାମକ ଜଣେ ଯୁବକ ଚାଲି ଚାଲି ଯାଉଥିବା ବେଳେ ଏକ ଯାତ୍ରିବାହୀ ବସ୍ ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ସେଠାରେ ସେ ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ଓ ସମ୍ପର୍କୀୟ ଅଟୋ ଯୋଗେ ଜି.ଉଦୟଗିର ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଜି.ଉଦୟଗିରି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅତିରିକ୍ତ ଥାନା ଅଧିକାରୀ ରୂପକ ଦଳେଇ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଦୁର୍ଘଟଣା ଘଟାଇଥିବା ଯାତ୍ରିବାହୀ ବସକୁ ଚିହ୍ନଟ ପାଇଁ ପ୍ରୟାସ ଜାରି ରଖିଛନ୍ତି।

■ ଘରୋଇ ହିଂସା ମାମଲା

# ୪ ଅଭିଯୁକ୍ତଙ୍କୁ ଭର୍ତ୍ସନା କଲା କୋର୍ଟ

**ପାରଳାଖେମୁଣ୍ଡି,୧୭ ।୧୨(ସମିସ):** ବାହା ହେବାର ସ୍ୱପ୍ନ ଦେଖାଇ ପ୍ରେମ କରି ବାରମ୍ବାର ଶାରୀରିକ ସମ୍ପର୍କ ରଖି ଗର୍ଭବତୀ ଓ ପ୍ରତାରଣା କରିବା ସହ ଗ୍ରାମବାସୀଙ୍କ ଚାପରେ ସ୍ତ୍ରୀ ଭାବେ ଗ୍ରହଣ କରିବା ପରେ ଅତ୍ୟାଚାର ଦେବା ଭଳି ଏକ ମାମଲା ଗତବର୍ଷ ଅକ୍ଟୋବରରେ ଗଜପତି ଜିଲ୍ଲା ଆର. ଉଦୟଗିରି ଥାନା ଅଧିନରେ ପଞ୍ଜୀକୃତ ହୋଇଥିଲା। ଯେଉଁ ମାମଲାର ଶୁଣାଣି କରି ଗଜପତି ଜିଲ୍ଲା ଆର୍. ଉଦୟଗିରିର ସିନିୟର ସିଭିଲ ଜଜ୍ ତଥା ଜେଏମ୍‌ଏଫସି ସୌଦାମିନୀ ବିଶ୍ୱାଳ ଗଙ୍ଗାପୁର ଗ୍ରାମର ସ୍ୱାମୀ ପ୍ରଶାନ୍ତ ନାୟକ, ଶାଶୁ ସୁଲୋଚନା ନାୟକ, ଯା' ପ୍ରତିମା ନାୟକ ଓ ଦେଢ଼ଶୁର କୃଷ୍ଣଚନ୍ଦ୍ର ନାୟକଙ୍କୁ ଦୋଷୀ ସାବ୍ୟସ୍ତ କରି ପ୍ରବେସନ ଅଫ ଅଫେଣ୍ଡର୍ସ ଆକ୍ଟର ଧାରା ୩ ଅନୁଯାୟୀ ଭର୍ତ୍ସନା କରି ଏଭଳି କାର୍ଯ୍ୟରୁ ଭବିଷ୍ୟତରେ ନିବୃତ୍ତ ରହିବାକୁ କଡ଼ା ଚେତାବନୀ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଏପିପି ହରିକୃଷ୍ଣ ପ୍ରଧାନ ଏହି ମାମଲାର ପରିଚାଳନା କରିଥିବା ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଆର୍. ଉଦୟଗିରି ଥାନା ଅନ୍ତର୍ଗତ ଗଙ୍ଗାପୁର ଗ୍ରାମର ଏତଲାକାରିଣୀ ଲିଳା ପାଇକଙ୍କୁ ସେହି ଗ୍ରାମର ପ୍ରଶାନ୍ତ ନାୟକ ପ୍ରେମ ଓ ପରେ ବିବାହ ଆଶା ଦେଖାଇ ଶାରୀରିକ ସମ୍ପର୍କ ରଖିଥିଲେ। ଗର୍ଭବତୀ ପରେ ବାହା ହେବାକୁ ମନା କରିବାରୁ ଗାଁ କମିଟିର ହସ୍ତକ୍ଷେପ ପରେ ଅଭିଯୁକ୍ତ ଲୀଳା ପାଇକଙ୍କୁ ସ୍ତ୍ରୀ ଭାବେ ଗ୍ରହଣ କରିଥିଲେ। ଲୀଳା ପାଇକ ଗର୍ଭବତୀ ଥିବା ସମୟରେ ପ୍ରଶାନ୍ତ ତଥା ଅନ୍ୟ ଅଭିଯୁକ୍ତ ତାଙ୍କୁ ଅତ୍ୟାଚାର କରୁଥିଲେ। ପରେ ସେ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିଲେ। ମାତ୍ର ନିର୍ଯାତନା ନ ଥମିବାରୁ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏସ୍‌ଆଇ ସ୍ୱପ୍ନାରାଣୀ ବେହେରା ତଦନ୍ତକାରୀ ଅଧିକାରୀ ରହିଥିଲେ। ୧୭ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ନ୍ୟାୟାଧୀଶ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଭର୍ତ୍ସନା କରିଥିଲେ।

# କାଳିଗାଡ୍ଡୁ ହିଲ୍‌ଟପରେ ସୁରକ୍ଷା ପ୍ରାଚୀର

**ଜି.ଉଦୟଗିର,୧୭।୧୨(ସମିସ):** ରାଜ୍ୟର ଶୀତଳତମ ସହର ଜି.ଉଦୟଗିରିରେ ଦିନକୁ ଦିନ ଶୀତ ବଢୁଥିବା ବେଳେ ୧୫ ଦିନ ହେଲା ତାପମାତ୍ରା ୧୦ ଡିଗ୍ରୀ ତଳେ ରହୁଛି। ଏହା ସହିତ ଚଳିତ ବର୍ଷ ସର୍ବନିମ୍ନ ତାପମାତ୍ରା ୩ ଡିଗ୍ରୀକୁ ଚାଲି ଆସିଥିବା ବେଳେ ୨ ଦିନ ତୁଷାରପାତ ହୋଇଥିଲା। ଯାହାକୁ ଦେଖିବାକୁ ଜି.ଉଦୟଗିରିର ପ୍ରମୁଖ ପର୍ଯ୍ୟଟନ ସ୍ଥଳ ଗୁଡିକରେ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। ପ୍ରମୁଖ ପର୍ଯ୍ୟଟନସ୍ଥଳ କାଳିଗାଡ୍ଡୁ ହିଲ୍ ଟପ୍‌ରେ ଅଧିକ ଭିଡ଼ ଦେଖିବାକୁ ମିଳୁଛି। ଏହା ସହିତ ହିଲଟପରେ ବିପଜ୍ଜନକ ଭାବେ ସେଲ୍‌ଫି ନେଉଛନ୍ତି ପର୍ଯ୍ୟଟକ। ଏହାକୁ ଲକ୍ଷ୍ୟ କରି ଆଜି ହିଲ୍‌ଟପରେ ସୁରକ୍ଷା ପ୍ରାଚୀର ନିର୍ମାଣ ଆରମ୍ଭ ହୋଇଛି। ଏହା ସହିତ କଟେଜ ବ୍ୟବସ୍ଥା, ସିରିକି ଇକୋ ପାର୍କ ରେ ବୋଟିଙ୍ଗି ବ୍ୟବସ୍ଥା କରିବାକୁ ଦାବି ହୋଇଛି।



# ରତନସିଂ ଗ୍ରାମକୁ ନାହିଁ ପକ୍କା ରାସ୍ତା; ପ୍ରଶାସନର ଦ୍ୱାରସ୍ଥ ହେଲେ ଗ୍ରାମବାସୀ

**ପାରଳାଖେମୁଣ୍ଡି,୧୭ ।୧୨(ସମିସ):**






ଦେଶର ବିକାଶ କରାଯାଇଥିବା କୁହାଯାଇଛି। ଏବେକାର ଡବଲ ଇଞ୍ଜିନ୍ ସରକାର ଡଣ୍ଡିମ ପିଟି ଚାଲିଛନ୍ତି। ହେଲେ ଏବେ ଯାଏଁ ଗ୍ରାମକୁ ରାସ୍ତା ନଥିବା ଏବଂ ଏନେଇ ବାରମ୍ବାର ପ୍ରଶାସନରେ ଅଭିଯୋଗ କଲେ ମଧ ରାସ୍ତା ନିର୍ମାଣତ ହେଉନି ଓଲଟି ଭୌଗଳିକ ମାନଚିତ୍ରରେ ଗ୍ରାମ ଉଲ୍ଲେଖ ନାହିଁ ବୋଲି କହୁଥିବା ସଭିଏଁଙ୍କୁ ଚକିତ କରିଛି। ଏପରି ଏକ ଗ୍ରାମ ଗଜପତି ଜିଲ୍ଲାର ଉନ୍ନତ ବ୍ଲକ କୁହାଯାଉଥିବା ଗୋଷାଣିରେ ଦେଖିବାକୁ ମିଳିଛି। ଏହି ବ୍ଲକର ଘରୋଣି ପଞ୍ଚାୟତ ଅନ୍ତର୍ଗତ ରତନସିଂ ଗ୍ରାମକୁ ଆଜିପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହୋଇପାରିନି। ଏହି ଗ୍ରାମରେ ୩୦ରୁ ଅଧିକ ଘର ଥିବାବେଳେ ଜନସଂଖ୍ୟା ୩୦୦। ଘରୋଣି ପଞ୍ଚାୟତ ସଦରମହକୁମା ଠାରୁ ଏହା ମାତ୍ର ଦୁଇ କିମି ଦୂରତାରେ ରହିଥିବା ବେଳେ ବ୍ଲକ ସଦରମହକୁମା ଠାରୁ ୧୦ରୁ ୧୨ କିମି ଦୂରତାରେ ରହିଛି। ଏହି ଗ୍ରାମକୁ ଯିବା ପାଇଁ ଅନ୍ୟ ଗୋଟିଏ ରାସ୍ତା ରହିଛି। ତାହା ହେଲା ରାୟଗଡ ବ୍ଲକ ଗଣ୍ଡାହାତୀ ପୂର୍ତ୍ତବିଭାଗର ମୁଖ୍ୟ ରାସ୍ତା। ମୁଖ୍ୟ ରାସ୍ତାଠାରୁ ମାତ୍ର ୯୦୦ମିଟର ପଡୁଛି। ଉଭୟ ପଟରୁ ରାସ୍ତା ରହିଥିଲେ ମଧ ନା ଏପଟେ ନା ସେପଟେ ରାସ୍ତା ଅଛି। ଉଭୟ ପଟରୁ ମାଟି ସଡ଼କ ରହିଛି। ବର୍ଷା ଦିନେ ଗ୍ରାମର ଶତାଧିକ ଜନସଧାରଣ ଏକ ପ୍ରକାର ନିର୍ବାସିତ ଜୀବନ ବିତାଉଥିବା ବେଳେ ଅନ୍ୟ ଦିନରେ ମାଟି ରାସ୍ତା ଦେଇ ଉଭୟପଟରୁ ଯାତାୟତ କରୁଛନ୍ତି। ଗର୍ଭବତୀ ମହିଳା କିମ୍ବା ରୋଗୀ ଯିବାଆସିବା ଏକ ପ୍ରକାରର କଷ୍ଟକର ହୋଇପଡୁଛି ବୋଲି କହିଛନ୍ତି ଗ୍ରାମବାସୀ। ରାସ୍ତା ତିଆରି ନାମରେ ମନରେଗା ଯୋଜନାରେ ମୋରମ ପକାଇ ରାସ୍ତା ହୋଇଛି। ଏପରି ଭାବେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ପକ୍କା ସଡ଼କଟିଏ ନିର୍ମାଣ କରୁନାହାନ୍ତି ବୋଲି କ୍ଷୋଭର ସହ କହିଛନ୍ତି ଗ୍ରାମବାସୀ। ଘରୋଣି ଠାରେ ପ୍ରାଥମିକ ସ୍କୁଲ ବନ୍ଦ ହୋଇଯିବା ପରେ ପଞ୍ଚାୟତ ସଦରମହକୁମା ଘରୋଣି ଗ୍ରାମଠାରେ ଥିବା ସ୍କୁଲକୁ ମାଟିକାଦୁଅ ରାସ୍ତାରେ ଯାତାୟାତ କରୁଛୁ ବୋଲି ଗ୍ରାମର ଛାତ୍ରଛାତ୍ରୀ କହିଛନ୍ତି। ଏନେଇ ସ୍ଥାନୀୟ ବାସିନ୍ଦା ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ସେଠାରେ ସେମାନେ ବ୍ଲକ ଅଧ୍ୟକ୍ଷଙ୍କ ଠାରୁ ଆରମ୍ଭ କରି ବିଡିଓ ଓ ଯନ୍ତ୍ରୀଙ୍କୁ ଭେଟି ଗୁହାରୀ ଜଣାଇବା ସହ ଲିଖିତ ସ୍ମାରକପତ୍ର ମଧ୍ୟ ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଗ୍ରାମ ରତନସିଂ ୧୫୦ ବର୍ଷରୁ ଅଧିକ ସମୟ ହେଲା ଜନବସତି ଭାବେ ସ୍ଥାପତି ହୋଇଥିଲେ ହେଁ ଗ୍ରାମକୁ ଆଜିଯାଏ ରାସ୍ତା ନାହିଁ। ମାଟି ରାସ୍ତା ରହିଥିବା ଯୋଗୁ ନାନାଦି ସମସ୍ୟା ସୃଷ୍ଟି ହେଉଛି। ତେଣୁ ତୁରନ୍ତ ପକ୍କା ରାସ୍ତା ନିର୍ମାଣ କରାଗଲେ ଉପକୃତ ହେବେ। ରାସ୍ତା ନିର୍ମାଣ କରାନଗଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଗ୍ରାମବାସୀ କହିଛନ୍ତି।

## ଶୀତ ମହୋତ୍ସବ ପାଇଁ ଜିଲ୍ଲାପାଳଙ୍କୁ ଭେଟିଲା କମିଟି



ଜି.ଉଦୟଗିରି, ୧୭।୧୨(ସମିସ): ଜି.ଉଦୟଗିରିରେ ଶୀତ ମହୋତ୍ସବ ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ଆଜି ମହୋତ୍ସବ କମିଟି କର୍ମକର୍ତ୍ତା ଜିଲ୍ଲପାଳ ବେଦଭୂଷଣ ଙ୍କୁ ସାକ୍ଷାତ କରି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଜାନୁଆରୀ ୧୯ ରୁ ୨୩ ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ୍ ହେବା ପାଇଁ ସ୍ଥିର କରାଯାଇଛି। ଯାହାକୁ ନେଇ ଜୋରସୋରରେ ପ୍ରସ୍ତୁତି ଚାଲିଥିବା ବେଳେ ଶୀତ ମହୋତ୍ସବ ଜରିଆରେ ଅଞ୍ଚଳରେ ବିଭିନ୍ନ ପର୍ଯ୍ୟଟନ ସ୍ଥଳକୁ ଅଧିକ ପ୍ରଚାର ପ୍ରସାର କରାଯାଇପାରିବ। ରାଜ୍ୟରେ ସବୁଠାରୁ ଥଣ୍ଡା ସହର ଭାବେ ଦୀର୍ଘ ବର୍ଷ ହେଲା ଜି.ଉଦୟଗିରି ରେକର୍ଡ କରୁଥିବା ବେଳେ ଶୀତ ମହୋତ୍ସବ ଆୟୋଜନ କରିବାକୁ ମନ ବଳେଇଥିଲେ ଅଞ୍ଚଳବାସୀ। ଆଜି ଜିଲ୍ଲପାଳଙ୍କୁ ସାକ୍ଷାତ କରି ପରିଚାଳନା କମିଟି ଆଉ ପାଦେ ଆଗକୁ ବଢ଼ିଥିବା ଥିବାବେଳେ ଜିଲ୍ଲପାଳ ଆଶ୍ୱସନା ଦେଇଥିଲେ। କମିଟି ତରଫରୁ ବ୍ଲକ ଅଧ୍ୟକ୍ଷା ସୁଷମା ପ୍ରଧାନ, ଏନଏସି ଅଧ୍ୟକ୍ଷା ଦେବସ୍ମିତା ଶତପଥୀ, ଜିଆଉଦିନ ଅହମଦ, ଆଶୁତୋଷ ସାହୁ ଓ ମଧୁଲିନା ଦିଗାଳ ଜିଲ୍ଲପାଳଙ୍କ ସହିତ ଆଲୋଚନା କରିଥିଲେ।

## ସରକାରଙ୍କ ପଶୁ ସୁରକ୍ଷା ପ୍ରୀତି ଏମିତି...

**ବ୍ଲକ ପ୍ରାଣୀଧନ ବିଭାଗର ଅବ୍ୟବସ୍ଥା**

# ୨୨ ପଞ୍ଚାୟତକୁ ଅନୁଦାନ ୧୫ ହଜାର

କୁକୁଡ଼ାଖଣ୍ଡି, ୧୭।୧୨(ସମିସ)

ପ୍ରାଣୀଧନ ଚିକିତ୍ସା ଓ ଚାଷୀଙ୍କ ଉନ୍ନତି ନିମନ୍ତେ ସରକାର ବ୍ୟାପକ ବ୍ୟବସ୍ଥା କରିଛନ୍ତି ବୋଲି ଡିଣ୍ଡିମ ପିଟୁଥିବାବେଳେ ବାସ୍ତବ ସ୍ଥିତି କିନ୍ତୁ ଓଲଟା। ରାସ୍ତାରେ ଯଦି କୌଣସି ପଶୁ ଦୁର୍ଘଟଣାଗ୍ରସ୍ତ ହୋଇ ଆହତ ହୁଏ, ତେବେ ତାକୁ ଠିକ୍ ସମୟରେ ଡାକ୍ତରଖାନା ପହଞ୍ଚାଇବା ପାଇଁ ଆମ୍ବୁଲାନ୍ସ ନାହିଁ। ତେଣୁ ଠିକଣା ସମୟରେ ଡାକ୍ତର ମଧ୍ୟ ପହଞ୍ଚିନଥାନ୍ତି। ଫଳରେ ଦୁର୍ଘଟଣାଗ୍ରସ୍ତ ପଶୁ ଗୁଡ଼ିକ ଅନେକ ସମୟରେ ମୃତ୍ୟୁବରଣ କରୁଥିବାର ନଜିର ରହିଛି। ଏପରି ଘଟଣା ଦେଖିବାକୁ ମିଳିଛି କୁକୁଡ଼ାଖଣ୍ଡି ବ୍ଲକ ପ୍ରାଣୀଧନ ଚିକିତ୍ସା ବିଭାଗରେ।

ସୂଚନାନୁସାରେ କୁକୁଡ଼ାଖଣ୍ଡି ବ୍ଲକରେ ୨୨ଟି ପଞ୍ଚାୟତ ରହିଛି। ବିଭିନ୍ନ ପଞ୍ଚାୟତର ପ୍ରାୟ ୫୦%ରୁ ଅଧିକ ଲୋକ ଗୋପାଳନ, କୁକୁଡ଼ା ପାଳନ, ଛେଳି ପାଳନ ଉପରେ ନିର୍ଭର କରନ୍ତି। ତେବେ ୨୨ଟି ପଞ୍ଚାୟତର ପ୍ରାଣୀଧନଙ୍କ ଚିକିତ୍ସା କରିବା ଲାଗି ୯ଟି ଏଲ୍ଆଇ ଥିବାରୁ ଉପଯୁକ୍ତ ଚିକିତ୍ସା ହେଉନଥିବା ନେଇ ଚାଷୀ ଅଭିଯୋଗ କରିଛନ୍ତି। ଅପରପକ୍ଷେ ଏହି ୨୨ଟି ପଞ୍ଚାୟତର୧୧ଟି ଏଲଆଇ କେନ୍ଦ୍ର ପରିଚାଳନା ପାଇଁ ୯ ଜଣ କାମ କରୁଥିବାବେଳେ ମାସକୁ ପରିଚାଳନା ଖର୍ଚ୍ଚ ବାବଦକୁ ମାତ୍ର ୧୫ ହଜାର ଟଙ୍କା ସରକାରୀ ଅନୁଦାନ ମିଳୁଛି। ଯାହା ସମୁଦ୍ରକୁ ଶଙ୍ଖେ ପଣା ସଦୃଶ ହେଉଛି।




ବର୍ଷରେ ବିଭିନ୍ନ ଋତୁରେ ମେଣ୍ଢା, ଛେଳି ଓ ଗୋରୁ ଗାଈଙ୍କୁ ଫାଟୁଆ, ବସନ୍ତ ଭଳି ରୋଗ ହୋଇଥାଏ। ଏହାର ନିରାକରଣ ଲାଗି ସାମୂହିକ ଟିକାଦାନ କରାଯାଇଥାଏ। ତେବେ ନିଅଣ୍ଟିଆ ଅନୁଦାନ ଯୋଗୁଁ ବିଭିନ୍ନ ସମୟରେ ଚାଷୀ ନିଜ ହାତରୁ ଔଷଧ ଓ ଅନ୍ୟାନ୍ୟ ସାମଗ୍ରୀ ଆଣି ଦେଲେ ଚିକିତ୍ସକ ମାନେ ତାକୁ ବ୍ୟବହାର କରିଥାନ୍ତି। ସେହିପରି ସରକାରୀ ପ୍ରଦତ୍ତ ଟୋଲଫ୍ରି ନଂ୧୯୬୨କୁ ଫୋନ କଲେ ଅଧିକାଂଶ ସମୟରେ କୌଣସି ପ୍ରତିକ୍ରିୟା ମିଳୁନି। ଫଳରେ ଠିକଣା ସମୟରେ ଚାଷୀ ନିରାଶ ହେଉଛନ୍ତି। ଏନେଇ କୁକୁଡ଼ାଖଣ୍ଡି ବ୍ଲକ ପ୍ରାଣୀଧନ ଚିକିତ୍ସାଧିକାରୀ ପୀତବାସ ସାହୁଙ୍କ କହିବା ପ୍ରକାରେ ପ୍ରତି ମାସରେ ଆମକୁ ୨୫/୩୦ଟି ଅନ୍‌ଲାଇନ୍ କଲ୍ ଆସୁଛି। ସେହି ଅନୁସାରେ ଆମେ ପଦକ୍ଷେପ ନେଉଛୁ। କିନ୍ତୁ ୧୫ ହଜାର ଟଙ୍କାର ଯେଉଁ ଅନୁଦାନ ମିଳୁଛି ତାହା ନିଅଣ୍ଟ ହେଉଛି। ବ୍ଲକର ୨୨ଟି ପଞ୍ଚାୟତର ପଶୁଧନ ଚିକିତ୍ସା ଲାଗି ଆଦୌ ଆମ୍ବୁଲାନ୍ସ ସୁବିଧା ନାହିଁ। କେବଳ ନାଁକୁ ମାତ୍ର ଏକ ଭ୍ରାମ୍ୟମାଣ ପଶୁଧନ ଚିକିତ୍ସା ଗାଡ଼ି ରହିଛି। ତାହା ମଧ୍ୟ ଠିକଣା ସମୟରେ ସବୁ ଜାଗାରେ ପହଞ୍ଚିବା ସମ୍ଭବ ହେଉନି। ଅପରପକ୍ଷେ କର୍ମଚାରୀଙ୍କ କଥା ଯଦି କୁହାଯିବ ତେବେ ତାହା ମଧ୍ୟ ଅତି ନଗଣ୍ୟ। ତେଣୁ ଏଥିପ୍ରତି ଜିଲ୍ଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସାଧିକାରୀ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଖରିଫ୍ ଧାନ ସଂଗ୍ରହ ନିମନ୍ତେ ପ୍ରସ୍ତୁତି ବୈଠକ



ଦିଗପହଣ୍ଡି, ୧୭।୧୨(ସମିସ): ଦିଗପହଣ୍ଡି ତହସିଲ କାର୍ଯ୍ୟାଳୟ ସଭାଗୃହ ପରିସରରେ ଚାଷୀଙ୍କ ଅମଳ ଧାନ ସଂଗ୍ରହ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଦିଗପହଣ୍ଡି ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଆୟୋଜିତ ଏହି ବୈଠକରେ ସ୍ଥାନୀୟ ତହସିଲଦାର ସନ୍ତୋଷ କୁମାର ସାହୁ, ଯୋଗାଣ ନିରୀକ୍ଷକ ବ୍ରଜେଶ୍ୱର ରୟ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଶିବାନନ୍ଦ ବେହେରା, କ୍ଷେତ୍ରଅଧିକାରୀ ଚାନ୍ଦିନୀ ସେଠୀ ପ୍ରମୁଖ ମଞ୍ଚାସିନ ଥିଲେ। ଚଳିତ ଖରିଫ ବର୍ଷ ୨୦୨୫-୨୬ ନିମନ୍ତେ ସରକାରଙ୍କ ଦ୍ୱାରା ଗୁଣାତ୍ମକ ମାନ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ପୂର୍ବବର୍ଷ ଭଳି କ୍ୱିଣ୍ଟାଲ ପ୍ରତି ୩୧୦୦ ଟଙ୍କା ପ୍ରଦାନ, ରାଜ୍ୟ ଯୋଗାଣ ନିଗମ ଦ୍ୱାରା ପରିଚାଳିତ ପ୍ରାଥମିକ କୃଷି ସେବା ସମବାୟ ସମିତି/ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ଖୋଲା ଯାଇଥିବା ମଣ୍ଡିରେ ପଞ୍ଜିକୃତ ଚାଷୀମାନେ ସେମାନଙ୍କ ଉତ୍ପାଦିତ ଧାନ ବିକ୍ରୟ ବେଳେ ସଫା, ଶୁଖିଲା ଧାନ ଆଣିବା ଉପରେ ଧ୍ୟାନ ଦେବା ନିମନ୍ତେ ଆଲୋଚନା କରାଯାଇଥିଲା। ଚଳିତବର୍ଷ ଦିଗପହଣ୍ଡି ବ୍ଲକରେ ୧୦୮୧୬ ଟୋକେନ ଜେନେରେଟ ହୋଇଥିବା ବେଳେ ସମବାୟ ସମ୍ପାଦକ ବୃନ୍ଦ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଧାନ ବିକ୍ରୟ ଉପରେ ଧ୍ୟାନ ରଖିବାକୁ ପରାମର୍ଶ ଦିଆଯାଇଥିଲା। ଚଳିତବର୍ଷ ପ୍ରତ୍ୟେକ ମଣ୍ଡିରେ ସିସି କ୍ୟାମେରା ଲଗାଯିବା ସହ ମଣ୍ଡିକୁ ଆସୁଥିବା ଧାନ ବୋଝେଇ ଗାଡ଼ିର ଗତିବିଧି ଉପରେ ନଜର ରଖାଯିବ। ଏପରିକି ମଣ୍ଡିରେ କୌଣସି ଅଘଟଣ ଘଟିଲେ ଦାୟିତ୍ୱରେ ଥିବା ନୋଡାଲ ଅଫିସର ବୃନ୍ଦ ସଙ୍ଗେ ସଙ୍ଗେ ସ୍ଥାନୀୟ ପ୍ରଶାସନକୁ ଅବଗତ କରାଇ ପାରିବେ ବୋଲି ସଚେତନ କରାଯାଇଥିଲା। ଆସନ୍ତା ୨୩ରେ ବ୍ଲକ ଅନ୍ତର୍ଗତ ଫାସିଗୁଡା ଗ୍ରାମ ସେବା ସମବାୟ ସମିତିରେ ଧାନମଣ୍ଡିର ଶୁଭ ଉଦଘାଟନ ପାଇଁ ନିଷ୍ପତ୍ତି ନିଆଯାଇଥିବା ବ୍ଲକ ଯୋଗାଣ ନିରୀକ୍ଷକ କହିଥିଲେ। ବୈଠକରେ ବ୍ଲକ ଅଧିନରେ ରହିଥିବା ସମସ୍ତ ସେବା ସମବାୟ ସମିତି ସମ୍ପାଦକ, ମିଲର, ନୋଡାଲ ଅଫିସର ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ।

## ଧାନକିଣାର ଗୋଲାକଧନ୍ଦାରେ ଭାଗଚାଷୀ

ଭଞ୍ଜନଗର, ୧୭।୧୨(ସମିସ): ଆସନ୍ତା ୨୩ ତାରିଖରୁ ଭଞ୍ଜନଗର ଉପଖଣ୍ଡ ସମେତ ଗଞ୍ଜାମ ଜିଲ୍ଲାରେ ଖରିଫ୍ ଧାନକିଣା ଆରମ୍ଭ ହେବ। ଏଥିପାଇଁ ପ୍ରଶାସନିକ ସ୍ତରରେ ପ୍ରସ୍ତୁତିକୁ ଜୋରଦାର କରାଯାଇଛି। ଏଥର ଚାଷୀ ସଂଖ୍ୟା ଗତବର୍ଷ ଠାରୁ ଟପି ଯାଇଛି ଓ ଗତବର୍ଷ ଭଞ୍ଜନଗର ଉପଖଣ୍ଡର ୪୬ ହଜାର ୬୨୦ ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ଏଥର ୧୨୧ଟି ପ୍ୟାକ୍ସ ଓ ୩୬ଟି ଏସ୍ଏଚ୍‌ଜିଙ୍କ ନିକଟରେ ୪୯ ହଜାର ୭୬୧ ଚାଷୀ ଧାନ ବିକିବାକୁ ନାମ ପଞ୍ଜୀକରଣ କରିଛନ୍ତି। ଯେଉଁଥିରେ ୪ ହଜାର ୧୭୩ ଜଣ ଭାଗଚାଷୀ ରହିଛନ୍ତି। ହେଲେ ସମବାୟ ବିଭାଗର ଯାଞ୍ଚ ବେଳେ ଶତାଧିକ ଜମି ମାଲିକ ସେମାନଙ୍କ ଜମିକୁ ଅନ୍ୟ କୌଣସି ଚାଷୀଙ୍କୁ ଭାଗରେ ଚାଷ କରିବାକୁ ଦେଇ ନଥିବା କହୁଛନ୍ତି। ଫଳରେ ପଞ୍ଜୀକରଣ କରିଥିବା ଶହ ଶହ ଭାଗଚାଷୀଙ୍କ ଧାନକିଣା ନେଇ ସଂଶୟ ଦେଖା ଦେଇଛି। ରାଜ୍ୟରେ ବିଜେପି ସରକାର ଆସିବା ପରେ ଗତବର୍ଷ ଠାରୁ ଧାନର ମୂଲ୍ୟ କ୍ୱିଣ୍ଟାଲ୍ ପ୍ରତି ୩୧ ଶହ ଟଙ୍କାକୁ ବୃଦ୍ଧି ହୋଇଛି। ଫଳରେ ଅଧିକ ଚାଷୀ ପଞ୍ଜୀକରଣ କରି ସରକାରଙ୍କୁ ଧାନ ବିକିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ମାତ୍ର ଉତ୍ତରାଧିକାରୀ ପ୍ରମାଣପତ୍ର ଭାବେ ବଂଶାବଳି ପ୍ରମାଣପତ୍ର ଓ ଅନୁମତିପତ୍ରର ଗୋଲକଧନ୍ଦା ଭିତରେ ଚଳିତବର୍ଷ ଚାଷୀ ନୟାନ୍ତ ହୋଇ ପଡ଼ିଥିଲେ। ଆର୍‌ଆଇଙ୍କ ଠାରୁ ବଂଶବଳୀ ପ୍ରମାଣପତ୍ର ଆଣିବା ଓ ଭାଇ ଭାଇ ବିବାଦରେ ଅନୁମତିପତ୍ର ଅଣିବା ଜଟିଳ ବ୍ୟବସ୍ଥା ଭିତରେ ଚାଷୀ ହନ୍ତସନ୍ତ ହୋଇଥିଲେ।

ସେହିପରି ଜମି ମାଲିକଙ୍କ ସହମତି ପତ୍ର ସହ ସେମାନଙ୍କ ଆଧାର କାର୍ଡର ନକଲ ଓ ମୋବାଇଲ ନମ୍ବର ଦେଇ ଭାଗଚାଷୀ ନାମ ପଞ୍ଜୀକରଣ କରିଥିଲେ। ଶେଷବେଳକୁ ସରକାର ପୁଣି ପଞ୍ଜୀକରଣର ଅବଧି ବଢ଼ାଇବା ପରେ ସଂଖ୍ୟା ଦ୍ରୁତଗତିରେ ବଢ଼ିଥିଲା। ଧାନ ବିକିବାକୁ ୪୯, ୭୬୧ ଚାଷୀ ଧାନ ନାମ ପଞ୍ଜୀକରଣ କରିଥିଲେ। ଯେଉଁଥିରେ ଆସିକା ବ୍ଲକର ୧୦୨୬, ବେଲଗୁଣ୍ଠାର ୬୩୪, ଭଞ୍ଜନଗରର ୨୭୦, ବୁଗୁଡାର ୫୬୧, ଧରାକୋଟର ୫୬୮, ଜଗନ୍ନାଥପ୍ରସାଦର ୩୪୧, ଶେରଗଡ଼ର ୫୧୯ ଓ ସୋରଡ଼ା ବ୍ଲକର ୨୫୪ ଜଣ ଭାଗଚାଷୀ ରହିଛନ୍ତି। ହେଲେ ଭାଗଚାଷୀଙ୍କ ପଞ୍ଜୀକରଣକୁ ନେଇ ପ୍ରଶାସନର ସନ୍ଦେହ ହେବା ପରେ ସେମାନଙ୍କ ପଞ୍ଜୀକରଣ ଫର୍ମକୁ ପୁଣି ଥରେ ଯାଞ୍ଚ କରାଯାଇଥିଲା। ଜମି ମାଲିକ ପ୍ରକୃତରେ ତାଙ୍କର ଭାଗଚାଷୀଙ୍କୁ ଧାନ ବିକିବା ଲାଗି ଅନୁମତି ଦେଇଛନ୍ତି ନା ନାହିଁ ସେନେଇ ସମବାୟ ବିଭାଗ ପକ୍ଷରୁ ଜମି ମାଲିକଙ୍କୁ ଫୋନ କରି ପଚରା ଯାଇଥିଲା। ହେଲେ ପଞ୍ଜୀକରଣ ବେଳେ ଭାଗଚାଷୀଙ୍କୁ ଅନୁମତି ଦେଇଥିବା ଅଧିକାଂଶ ଜମି ମାଲିକ ବର୍ତ୍ତମାନର ଯାଞ୍ଚ ସମୟରେ ସେମାନେ ଭାଗଚାଷୀଙ୍କୁ ଧାନ ବିକିବାକୁ ଅନୁମତି ପତ୍ର ଦେଇନଥିବା କହିଛନ୍ତି। ଯେଉଁଥିପାଇଁ କି ସେମାନଙ୍କ ଧାନବିକ୍ରି ଏବେ ଅନିଶ୍ଚିତତା ମଧ୍ୟରେ ରହିଛି।

## ସାବୁଳିଆ ହାଇସ୍କୁଲର ବାର୍ଷିକ ଉତ୍ସବ



ରମ୍ଭା, ୧୭।୧୨(ସମିସ): ବୁଧବାର ନୋଡାଲ ହାଇସ୍କୁଲ ସାବୁଳିଆର ୫୩ତମ ବାର୍ଷିକ ଉତ୍ସବ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପ୍ରିୟଙ୍କା ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବାର୍ଷିକ'ସମ୍ଭାବନା' ପୁସ୍ତିକା ଉନ୍ମୋଚନ ସହ ଶିକ୍ଷାନୁଷ୍ଠାନର ଛାତ୍ରୀ ମାନେ ପ୍ରତୀକ୍ଷା ପରିଡ଼ା, ଜସ୍ମିନ ଚାନ୍ଦ, ଲିଜା ସାହୁ, ଶୁଭଲକ୍ଷ୍ମୀ ମହାପାତ୍ର, ବେବି ରାଣୀ ମହାପାତ୍ର ପ୍ରମୁଖ ବେଦ ମନ୍ତ୍ର ସହ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ମଞ୍ଚ ସଂଯୋଜନା ବରିଷ୍ଠ ଶିକ୍ଷକ ଅମର ପ୍ରସାଦ ନାୟକ ଓ ପ୍ରଫୁଲ କୁମାର ଦାସ କରିଥିଲେ। କାର୍ଯ୍ୟକ୍ରମ ରେ ବିଜୟକୁମାର ଦାସ ଆଲୁମିନି କମିଟି ସଭାପତି (ମୁଖ୍ୟ ଅତିଥି), ପ୍ରଫୁଲ ଚନ୍ଦ୍ର ଦାସ ପ୍ରାକ୍ତନ ପ୍ରଧାନ ଶିକ୍ଷକ (ମୁଖ୍ୟ ବକ୍ତା), ରାଜେନ୍ଦ୍ର କୁମାର ସେନାପତି ପ୍ରାକ୍ତନ ପ୍ରଧାନ ଶିକ୍ଷକ, ସରପଞ୍ଚ ପ୍ରତିନିଧି ଶଶଧର ବେହେରା (ସମ୍ମାନିତ ଅତିଥି) ପ୍ରମୁଖ ମଞ୍ଚାସିନ ଥିଲେ। ଏଥିସହିତ ପୂର୍ବରୁ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଧର ୱାଲା, ପାପୁନି ଦାସ, ବବଲୀ ବେହେରା, ରୋହିତ କୁମାର ସ୍ୱାଇଁ, ମୃତ୍ୟୁଞ୍ଜୟ ସେନ, ପ୍ରଦୀପ ବେହେରା, ସ୍ୱପ୍ନା ନାହାକ, ରୀନା ରାଣୀ ଦେଇ, ପ୍ରତିମା ଦେଇ, ଦିପ୍ତିମୟୀ ପାତ୍ର, ଭାସ୍କର ଘାଷି, ବରିଷ୍ଠ କିରାନି ଅଶ୍ୱିନୀ ଦାସ ଓ ପ୍ରମିଳା ଦାସ ପ୍ରମୁଖ ସହଯୋଗ କରିଥିଲେ।

## ପୋଲ ଉପରୁ ଖସି ଯୁବକ ମୃତ

ଜୟପୁର,୧୭।୧୨(ସମିସ): ଜୟପୁର ସଦରଥାନା ଅନ୍ତର୍ଗତ ଅନ୍ତା ଗ୍ରାମର ବାୟାଗୁଡା ନିକଟରେ ଏକ ପୋଲ ଉପରୁ ତଳକୁ ଖସିପଡି ଅନ୍ତା ଗ୍ରାମର ଲଛମନ ବାଘ(୪୮)ଙ୍କ ମୃତ୍ୟୁ ଘଟିଛି। ପୁଲିସ ସୂଚନା ଅନୁଯାୟୀ ଗତ ରବିବାର ଦିନ ବାୟାଗୁଡା ଓ ଅନ୍ତା ମଧ୍ୟରେ ଥିବା ପୋଲ ନିକଟରେ ଲଛିମନ ଚାଲି ଚାଲି ଯାଉଥିବା ବେଳେ ହଠାତ ଗୋଡ ଖସି ପୋଲ ତଳକୁ ଖସିପଡିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା ଏବଂ ଗୁରୁତର ରହିଥିବା ଯୋଗୁଁ ତାଙ୍କୁ କୋରାପୁଟସ୍ଥିତ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା। ଆଜି ତାଙ୍କର ମୃତ୍ୟୁ ହୋଇଛି।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବେଲଗୁଣ୍ଠା, ୧୭।୧୨(ସମିସ): ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ ପ୍ରତାପ ଲକ୍ଷ୍ମଣପୁର ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନବମ ବାର୍ଷିକ ଉତ୍ସବ ସୃଜନ-୨୦୨୫ ଅନୁଷ୍ଠାନ ଅଧ୍ୟକ୍ଷ ମାନସରଞ୍ଜନ ଡାକୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ରୂପେ ବେଲଗୁଣ୍ଠା ଗୋଷ୍ଠୀ ଶିକ୍ଷା ଅଧିକାରି ଲୋପାମୁଦ୍ରା ରଥ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗାଙ୍ଗପୁର ଥାନା ଅଧିକାରୀ ବନବିହାରୀ ପ୍ରଧାନ, ସ୍ଥାନୀୟ ସରପଞ୍ଚ କମଳ କୁମାରୀ ପ୍ରଧାନ, ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଗିରିଧାରୀ ନାୟକ, ବିଧାୟକ ପ୍ରତିନିଧି ଜିତେନ୍ଦ୍ର କୁମାର ନାୟକ, ପୂର୍ବତନ ସରପଞ୍ଚ ମହନ୍ତ ରାମକୃଷ୍ଣ ଦାଶ, ନେଟଙ୍ଗା ସିଆରସିସି ସୁଧୀର କାନ୍ତ ତ୍ରିପାଠି, ଅବସରପ୍ରାପ୍ତ ଶିକ୍ଷକ ସନାତନ ନାୟକ, ବଡପଡ଼ା ଉନ୍ନିତ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଡ. ଦୁର୍ଗା ପ୍ରସାଦ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଭିନ୍ନ ବିଭାଗରେ କୃତୀ ଛାତ୍ରଛାତ୍ରୀଙ୍କୁ




ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ସନ୍ତୋଷ ଗୌଡ଼ ଧନ୍ୟବାଦ ଜ୍ଞାପନ କରିଥିଲେ। ଶିକ୍ଷକ ପ୍ରଣୀତ, ଅମରେନ୍ଦ୍ର, ରଜତ୍, ସୌରଭ, ପ୍ରଶାନ୍ତ, ଶଙ୍କର, ସୁଶାନ୍ତ, ଆକାଶ, ଶିକ୍ଷୟିତ୍ରୀ ପ୍ରାଚୀପ୍ରଭା, ହରିପ୍ରିୟା, ରୋଜାଲିନ୍, ଲିପିକା, ସ୍ୱର୍ଣ୍ଣପ୍ରଭା, ଦେବସ୍ମିତା, ପ୍ରଜ୍ଞାସ୍ମିତା, ପଦ୍ମିନୀଙ୍କ ସମେତ କର୍ମଚାରୀ ରାମ, ଲକ୍ଷ୍ମଣ, ସୁନିତା, ପିଙ୍କି, ଗୋଲାପ ପ୍ରମୁଖ ସହଯୋଗ କରିଥିଲେ।

## ବ୍ଲକ୍‌ସ୍ତରୀୟ ଦୀର୍ଘସ୍ଥାୟୀ ଜୀବନ କୌଶଳ ପ୍ରଦର୍ଶନୀ



ଫିରିଙ୍ଗିଆ, ୧୭।୧୨(ସମିସ): ଫିରିଙ୍ଗିଆ ବ୍ଲକ କ୍ରାଣ୍ତିବାଲିରେ ଥିବା ପଞ୍ଚାୟତ ଉଚ୍ଚବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଦୀର୍ଘସ୍ଥାୟୀ ଜୀବନ କୌଶଳ ଉପରେ ଆଧାରିତ ଏକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ନିର୍ଦ୍ଦେଶ କ୍ରମେ ଜିଲ୍ଲା ଶିକ୍ଷା ବିଭାଗର ପ୍ରତକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିବା ବେଳେ ପ୍ରଧାନ ଶିକ୍ଷକ ବସନ୍ତ କୁମାର ସାହୁ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ଉଦଘାଟନ ଉତ୍ସବରେ କ୍ରାଣ୍ତିବାଲି ସରପଞ୍ଚ ଲକ୍ଷ୍ମୀ କହଁର ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଉଦଘାଟନ କରିଥଲେ।

ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଷ୍ଣୁଚରଣ ମଳିକ, ଲୋଇସିଂ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ସାହୁ, ବାଲନ୍ଦାପଡ଼ା ହାଇସ୍କୁଲର ପ୍ରଧାନ ଶିକ୍ଷକ ଦୀପ୍ତି ରଞ୍ଜନ ନନ୍ଦ, ଜାଜେଶପାଙ୍ଗା ହାଇସ୍କୁଲର ପ୍ରଧାନଶିକ୍ଷକ ସୌମେନ୍ଦ୍ର ପାଣିଗ୍ରାହି, ଗୋଛାପଡ଼ା ପ୍ରଧାନ ଶିକ୍ଷକ ଅନନ୍ତ କହଁର, ବିଦ୍ୟାଳୟ ପରିଚାଳନା କମିଟି ବରିଷ୍ଠ ସଦସ୍ୟ ନିରଞ୍ଜନ ଦିଗାଲ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଜିଲ୍ଲାର ବରିଷ୍ଠ ବିଜ୍ଞାନ ଶିକ୍ଷକ ଅଭୟ କୁମାର ପ୍ରଧାନ ଜିଲ୍ଲା କ୍ରୀଡ଼ା ଶିକ୍ଷା ଅଧିକାରୀ ସଞ୍ଜୟ କୁମାର ସାହୁ ଓ ପ୍ରଦୀପ କୁମାର ସାହୁ ବିଚାରକ ଭାବରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧୀନରେ ଥିବା ସମୁଦାୟ ୧୮ ବିଦ୍ୟାଳୟର ୨୫ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବା ବେଳେ ରତଙ୍ଗ ପଞ୍ଚାୟତ ପୋଡାପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ବିଜୟଲକ୍ଷ୍ମୀ ନାଏକ ପ୍ରଥମ ଉନ୍ନୀତ ବିଦ୍ୟାଳୟ କୁମ୍ଭାରଖୋଲର ଛାତ୍ରୀ ଦ୍ୱିତୀୟ ଓ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଲଭଲି ଦିଗାଲ ତୃତୀୟ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମର ଉଦଯାପନୀ ଉତ୍ସବରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରାପୁରସ୍କୃତ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ନୂଆ ଷ୍ଟାଣ୍ଡକୁ ଯାଉନି ଯାତ୍ରୀବାହୀ ବସ୍; ଜରିମାନା ପାଇଁ ଚେତାବନୀ

ଦିଗପହଣ୍ଡି, ୧୭।୧୨(ସମିସ)

ଦିଗପହଣ୍ଡି ସ୍ଥିତ ନୂଆ ବସ୍‌ଷ୍ଟାଣ୍ଡକୁ ଯାତ୍ରୀବାହୀ ବସ୍ ଗୁଡ଼ିକ ପ୍ରବେଶ କରୁନାହାନ୍ତି। ଏନେଇ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ମାନଙ୍କ ତାଗିଦ ପରେ ମଧ୍ୟ ବସ୍ ଚାଳକମାନେ ଏହାକୁ ଅବମାନନା କରି ବସ୍‌କୁ ଷ୍ଟାଣ୍ଡ ଭିତରକୁ ନନେଇ ପୁରୁଣା ବସ୍‌ଷ୍ଟାଣ୍ଡ ମୁଖ୍ୟରାସ୍ତା କଡ଼ ଏବଂ ପୁଞ୍ଜିକୟାଁ ଛକ ରାସ୍ତା ଉପରେ ଦୀର୍ଘ ସମୟ ଧରି ରଖି ଆସୁଛନ୍ତି। ଯାହାଫଳରେ ମୁଖ୍ୟରାସ୍ତାରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ବିଭିନ୍ନ ଗ୍ରାମାଞ୍ଚଳରୁ ଆସୁଥିବା ଯାତ୍ରୀମାନେ ନିଜ ନିଜର ଗନ୍ତବ୍ୟ ସ୍ଥଳକୁ ଯିବାରୁ ନୂଆ ବସ୍‌ଷ୍ଟାଣ୍ଡରେ ବସ୍‌କୁ ଅପେକ୍ଷା କରି ହନ୍ତସନ୍ତ ହେଉଛନ୍ତି। ଏନେଇ ପୂର୍ବରୁ ସ୍ଥାନୀୟ ପ୍ରଶାସନ ନୂଆ ବସଷ୍ଟାଣ୍ଡରେ କେବଳ ବସ୍ ରହଣି ପାଇଁ ମାଲିକମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ସେମାନେ ଏହାକୁ କର୍ଣ୍ଣପାତ କରୁନାହାନ୍ତି। ଏପରିକି ଦୂର ଦୂରାନ୍ତକୁ ଯା-ଆସ କରୁଥିବା ବସ୍ ଗୁଡ଼ିକ ବସ୍‌ଷ୍ଟାଣ୍ଡ ମୁଖ୍ୟ ଫାଟକରେ ରହି ଯାତ୍ରୀଙ୍କୁ ସେଠାରେ ଓହ୍ଲାଇ ଦେଉଛନ୍ତି। ଯାତ୍ରୀମାନେ ବାଧ ହୋଇ ସେଠାରୁ ବସ୍‌ରେ ବିପଦପୂର୍ଣ୍ଣ ଭାବେ ଚଢୁଛନ୍ତି। ନୂଆ ବସ୍‌ଷ୍ଟାଣ୍ଡକୁ ଯାତ୍ରିବାହୀ ବସ୍ ଯାଉନଥିବା କାରଣରୁ ଯାତ୍ରୀମାନେ ପୁରୁଣା ବସ୍‌ଷ୍ଟାଣ୍ଡ କିମ୍ବା ପୁଞ୍ଜିକୟାଁ ଚାରି ଛକରେ ବସ୍‌କୁ ଅପେକ୍ଷା କରୁଥିବା ଦେଖିବାକୁ ମିଳୁଛି। ଗଞ୍ଜାମ ଜିଲ୍ଲାର ଅନ୍ୟତମ ଲାଇଫ୍ ଲାଇନ ଭାବେ ପରିଚିତ ଦିଗପହଣ୍ଡି ସହର ବାଣିଜ୍ୟ କେନ୍ଦ୍ରର ପେଣ୍ଠସ୍ଥଳୀ ହୋଇଥିବା ବେଳେ ଯାତ୍ରୀବାହୀ ବସ୍ ଗୁଡ଼ିକ ରାସ୍ତା ଉପରେ ପାର୍କିଂ କରିବା ଦ୍ୱାରା ଟ୍ରାଫିକ ସମସ୍ୟା ଉପୁଜୁଛି। ଏହାକୁ ଦୃଷ୍ଟିରେ ରଖି ବୁଧବାର ଦିଗପହଣ୍ଡି ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ରଙ୍କ ନେତୃତ୍ୱରେ ଏନ୍‌ଫୋର୍ସମେଣ୍ଟ କର୍ମଚାରୀ ପୁରୁଣା ବସ୍‌ଷ୍ଟାଣ୍ଡ ଏବଂ ପୁଲିସ ଥାନା ନିକଟ ତନଖି ଫାଟକ ସମ୍ମୁଖରେ ରହି ବ୍ରହ୍ମପୁର ଭାୟା ଦିଗପହଣ୍ଡି ଦେଇ ରାୟଗଡ଼ା, କୋରାପୁଟ, ଗଜପତି, ମାଲିକାନାଗିରି, କନ୍ଧମାଳ ପ୍ରଭୃତି ଜିଲ୍ଲାର ବିଭିନ୍ନ ଅଞ୍ଚଳକୁ ଯାଆସ କରୁଥିବା ସମସ୍ତ ଯାତ୍ରିବାହୀ ବସ୍‌କୁ ଅଟକାଇ ଦିଗପହଣ୍ଡି ସ୍ଥିତ ସନ୍ଥ ଅରକ୍ଷୀତ ଦାସଙ୍କ ନାମରେ ନାମିତ ନୂତନ ବସଷ୍ଟାଣ୍ଡ ଭିତରକୁ ପ୍ରବେଶ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବସ୍ ମାଲିକ ଏବଂ ଚାଳକମାନେ ଏହାକୁ ଅବମାନନା କରି ପ୍ରଶାସନିକ ଅଧିକାରୀଙ୍କ ନିର୍ଦ୍ଦେଶକୁ ଯଦି ଖିଲାପ କରିବେ ତେବେ ସେମାନଙ୍କ ଠାରୁ ଜରିମାନା ଆଦାୟ କରାଯିବ ବୋଲି ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନୋଟିସ୍ କରିଛନ୍ତି। ଏହି ନିର୍ଦ୍ଦେଶନାମାକୁ ସମସ୍ତ ଯାତ୍ରିବାହୀ ବସ ମାଲିକ ବୃନ୍ଦ ପାଳନ କରିବେ ବୋଲି ଏନ୍ଏସି ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।




## ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ପ୍ରସ୍ତୁତି

ଦିଗପହଣ୍ଡି, ୧୭।୧୨(ସମିସ): ଦିଗପହଣ୍ଡି ବ୍ଲକ ବମକୋଇ ପଞ୍ଚାୟତ ମଦନମୋହନପୁର ଗ୍ରାମ ନିକଟରେ ଥିବା ଶ୍ରୀଶ୍ରୀ ମହାକାଳେଶ୍ୱର ଶୈବପୀଠରେ ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ଅଶୋକ କୁମାର ପାଢ଼ୀଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ମହାଯଜ୍ଞ କିପରି ଶାନ୍ତି ଶୃଙ୍ଖଳା ସହକାରେ ହୋଇପାରିବ। ମହାଯଜ୍ଞ ପରିଚାଳନା ଦାୟିତ୍ୱରେ ରହିଥିବା କାର୍ଯ୍ୟକର୍ତ୍ତା, ସଭ୍ୟ ବୃନ୍ଦ ଗ୍ରାମବାସୀଙ୍କ ସହଯୋଗରେ ଦୂରଦୂରାନ୍ତରୁ ଆସିବା ଶ୍ରଦ୍ଧାଳୁଙ୍କୁ ସହାୟତା ଯୋଗାଇବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆସନ୍ତା ୨୦୨୬ ମାର୍ଚ୍ଚ ୨୨ରୁ ୨୭ ସାତଦିନ ବ୍ୟାପୀ ମହାଯଜ୍ଞ କରାଯିବା ନେଇ ସର୍ବସମ୍ମତି କ୍ରମେ ନିଷ୍ପତ୍ତି କରାଯାଇଥିଲା। ଏହି ଅବସରରେ ମହାଯଜ୍ଞ ପରିଚାଳନା ସକାଶେ କମିଟି କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ମୁରଲୀଧର ପ୍ରଧାନ, ସମ୍ପାଦକ ବିଜୟ କୁମାର ପ୍ରଧାନ, କୋଷାଧ୍ୟକ୍ଷ ଜାଗିଲି ପ୍ରଧାନ ଏବଂ ଉପଦେଷ୍ଟା ଭାବେ ସୁଦାମ ଦୋରା, ଲଡୁ କିଶୋର ସ୍ୱାଇଁ, ରାଜେନ୍ଦ୍ର ପ୍ରଧାନ, ନରସିଂହ ପ୍ରଧାନ, ସହଦେବ ପାତ୍ର, ରାଜେନ୍ଦ୍ର ପ୍ରଧାନ, ଭୂଷଣ ଦଳେଇ, କୃତିବାସ ପାତ୍ର, ତପ୍ତ ପଣ୍ଡା, ଗଣେଶ ଚନ୍ଦ୍ର ପ୍ରଧାନ, ବାଙ୍କ ବିହାରୀ ପ୍ରଧାନଙ୍କୁ ଚୟନ କରାଯାଇଥିଲା। ବୈଠକରେ ବମକୋଇ ପଞ୍ଚାୟତ ସମେତ ଆଖପାଖ ୫ଟି ପଞ୍ଚାୟତର ୩୫ଟି ଗ୍ରାମରୁ ଶତାଧିକ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

